ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩୦ ଜାନୁଆରୀ ୨୦୨୫ ● ଗୁରୁବାର

ବାଲାବାବା କ୍ରିକେଟ୍ ଟିମ୍ ଚମ୍ପିଆନ

ପାଟକୁରା : ଏକ୍ସପ୍ରେସ୍ ନ୍ୟୁଜ୍

ଗରଦପୁର ବ୍ଲକ ତଳକୁସୁମା ବିଟିଏମ କ୍ରିକେଟ କ୍ଲବ୍ ଦ୍ୱାରା ବିସିଏମ ଓ ସିଦ୍ଧାର୍ଥ ମେମୋରିଆଲ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କେନ୍ଦ୍ରାପଡାର ବାଲାବାବା କ୍ରିକେଟ୍ ଟିମ୍ ଚମ୍ପିଆନ୍ ହୋଇଛି । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚମ୍ପିଆନ ବାଲାବାବା କ୍ରିକେଟ୍ ଟିମ୍‌କୁ ଚମ୍ପିଆନ୍ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ତଳକୁସୁମା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଭାତ ନଳିନୀ ଜେନା, ମିହିର ମହାନ୍ତି, ଅଶୋକ ପଣ୍ଡା, ଆଦିକନ୍ଦ ଲେଙ୍କା, ଧନଞ୍ଜୟ ବାରିକ, କ୍ଷିତିଶ ଦାସ ପ୍ରମୁଖ ଯୋଗଦେଇ ରନର୍ସ ଟ୍ରଫି, ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ପ୍ରଦାନ କରିଥିଲେ। ଏହି ଫାଇନାଲ ଖେଳ ବାଲାବାବା କ୍ରିକେଟ୍ ଟିମ୍, କେନ୍ଦ୍ରାପଡା ଏବଂ ସାର୍ଥକ କ୍ରିକେଟ୍ ଟିମ୍, ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାର୍ଥକ କ୍ରିକେଟ୍ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିବାବେଳେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲାବାବା କ୍ରିକେଟ୍ ଟିମ୍ ୧୬ ଓଭରରେ ୫ ଉଇକେଟ୍ ହରାଇ ୧୫୦ ରନ୍ ସଂଗ୍ରହ କରି ଚମ୍ପିଆନ ହୋଇଥିଲା । ବାଲାବାବା ଟିମ୍‌ର ରୋସନ ରାଜପୁତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ସାର୍ଥକ କ୍ରିକେଟ୍ ଟିମ୍‌ର ଜ୍ୟୋତିସ୍ମାନ ସାମଲ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଏହି ଖେଳକୁ ଅମ୍ପାୟାର ବିଭୁଦତ କାନୁନ୍‌ଗୋ, ସଲିମ ଦାର ଓ ତୃତୀୟ ଅମ୍ପାୟାର ଭାବେ ସରୋଜ ଦାସ ପରିଚାଳନା କରିଥିଲାବେଳେ ଶଶୀଭୂଷଣ ଜେନା, ଅମ୍ବିକା ପ୍ରସାଦ କାନୁନ୍‌ଗୋ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ସନ୍ତୋଷ ଦାସ, ମହେନ୍ଦ୍ର ନାୟକ, ଚିତ୍ତରଞ୍ଜନ ଦାସ, ବିଟିଏମ କ୍ଲବର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

ଡେରାବିଶ କ୍ରିକେଟ୍ କ୍ଲବ ବିଜୟୀ

କେନ୍ଦ୍ରାପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ମଙ୍ଗଳବାର ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟ୍ସ କାଉନ୍‌ସିଲ୍ ବିଜୟୀ ହୋଇଛି । ମଙ୍ଗଳବାର ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟ୍ସ କାଉନ୍‌ସିଲ୍ ଓ ଡେରାବିଶ କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟ୍ସ କାଉନ୍‌ସିଲ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟ୍ସ କାଉନ୍‌ସିଲ୍ ବ୍ୟାଟିଂ କରି ୨୫.୩ ଓଭରରେ ୧୦ ୱିକେଟ୍ ବିନିମୟରେ ୧୩୫ ରନ୍ କରିଥିଲା । ଜବାବରେ ଡେରାବିଶ କ୍ରିକେଟ୍ କ୍ଲବ ୧୯.୨ ଓଭରରେ ୭ ୱିକେଟ୍ ବିନିମୟରେ ୧୩୭ ରନ୍ କରିଥିଲା। ଫଳରେ ଡେରାବିଶ କ୍ରିକେଟ୍ କ୍ଲବ ୩ ୱିକେଟ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଡେରାବିଶ କ୍ରିକେଟ୍ କ୍ଲବର ଭାରତ ଭୂଷଣ ମଲ୍ଲିକ ୬ ଓଭର ବୋଲିଂ କରି ୩୨ରନ୍ ଦେଇ ୪ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦ ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ। ଲଳିତେନ୍ଦୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ଭାରତ ଭୂଷଣଙ୍କୁ ପ୍ରଦାନ କରିଥିଲେ । ମ୍ୟାଚ୍‌ରେ ବିଶ୍ୱଜିତ୍ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଚିରଞ୍ଜୀବୀ ବଳ ଓ ଆନନ୍ଦ ବେହେରା ସ୍କୋରର କାର୍ଯ୍ୟ କରିଥିଲେ। ସମୀର ମହାପାତ୍ର ଖେଳର ବିବରଣୀ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ୍, କାର୍ତ୍ତିକ ସାହୁ, ଦୀପକ କୁମାର ବାରିକ ମ୍ୟାଚ୍ ପରିଚାଳନା କରିଥିଲେ ।

ମାର୍ଶାଘାଇ ବ୍ଲକରେ ହିତାଧିକାରୀଙ୍କ ବିକ୍ଷୋଭ

କେନ୍ଦ୍ରାପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ବ୍ଲକ ଅଞ୍ଚଳର ଶତାଧିକ ଭତ୍ତାଧାରୀ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମଙ୍ଗଳବାର ଭତ୍ତା ହିତାଧିକାରୀମାନେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିବା ନେଇ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପଞ୍ଚାନନ ମଲିକଙ୍କୁ ପ୍ରଦାନ କରିଥିଲେ । ସରକାର ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ, ବିଧବାଙ୍କ ଭତ୍ତା ଟଙ୍କା ବୃଦ୍ଧି କରି ୩ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ସରକାର ଘୋଷଣା କରିଥିଲେ । କିନ୍ତୁ ନିର୍ବାଚନପରେ କେବଳ ଅଶି ବର୍ଷ ବୟସରୁ ଅଧିକ ବୟସ ହୋଇଥିବା ହିତାଧିକାରୀ ଏବଂ ଅଶି ଭାଗରୁ ଅଧିକ ଦିବ୍ୟାଙ୍ଗ ଥିବା ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିଲେ । ୬୦ ବର୍ଷ ବୟସରୁ ଅଧିକ ବୟସ ଥିବା ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

ଶ୍ରେଷ୍ଠ ୫୦ଟି କର୍ମକ୍ଷେତ୍ର ମଧ୍ୟରେ କୋଲ ଇଣ୍ଡିଆ ସ୍ଥାନ ପାଇଛି

ସମ୍ବଲପୁର : ଏକ୍ସପ୍ରେସ୍ ନ୍ୟୁଜ୍

କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ)କୁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଦ୍ୱାରା ୨୦୨୫ ମସିହାରେ ଉତ୍ପାଦନ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ୫୦ଟି ଶ୍ରେଷ୍ଠ କର୍ମସ୍ଥଳ ମଧ୍ୟରୁ ଗୋଟିଏ ଭାବରେ ସ୍ୱୀକୃତି ଦିଆଯାଇଛି। ଏହି ସମ୍ମାନଜନକ କୃତିତ୍ୱ ସିଆଇଏଲର କାର୍ଯ୍ୟଶକ୍ତି ପାଇଁ ଏକ ସହାୟକ ଏବଂ ସଶକ୍ତ ପରିବେଶ ପ୍ରଦାନ କରିବା ସହିତ ବିଶ୍ୱାସ, ଗର୍ବ ଏବଂ ସୌହାର୍ଦ୍ଦ୍ୟର ସଂସ୍କୃତିକୁ ବିକଶିତ କରିବା ପ୍ରତିପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ସିଆଇଏଲ ହେଉଛି ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ମହାରତ୍ନ କମ୍ପାନୀ। ବିଶ୍ୱର ସର୍ବବୃହତ କୋଇଲା ଉତ୍ପାଦନକାରୀ ଭାବରେ, ସିଆଇଏଲ ଭାରତର ଘରୋଇ କୋଇଲା ଚାହିଦାର ୮୦% ରୁ ଅଧିକ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାଗ୍ରହଣକରେ। କାର୍ଯ୍ୟକ୍ଷମ ଉତ୍କର୍ଷତା, କର୍ମଚାରୀ କଲ୍ୟାଣ ଏବଂ ପରିବେଶଗତ ସ୍ଥିରତା ଉପରେ ଦୃଢ଼ ଧ୍ୟାନ ଦେଇ, ସିଆଇଏଲ ଭାରତର ଶକ୍ତିକ୍ଷେତ୍ର ଏବଂ ଅର୍ଥନୈତିକବିକାଶରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ନେତୃତ୍ୱ ନେଇ ଚାଲିଛି।

ଖରା ପୂର୍ବରୁ ପାନୀୟ ଜଳ ସଙ୍କଟ : ଗରା-ବାଲଟି ଧରି ରାସ୍ତାରୋକ କଲେ ଗ୍ରାମବାସୀ

ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରୀଷ୍ମ ଆସିବା ପୂର୍ବରୁ ପାନୀୟ ଜଳ ସଙ୍କଟ। ଯାହାକୁ ନେଇ ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ବିଜାଡିହ ଗାଁ ଛକରେ ଗରା, ବାଲଟି ଧରି ଗ୍ରାମର ମହିଳାମାନଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି। ବିଜାଡିହ ଗ୍ରାମ ଜୁଆଙ୍ଗ ସାହିର ଲୋକମାନେ ଗତ ଏକମାସ ହେବ ପାନୀୟ ଜଳ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଯଦିଓ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇପ ବିଛା ହୋଇଛି। ତେବେ କିଛି ଅସାଧୁଙ୍କ ଯୋଗୁଁ ପାନୀୟ ଜଳ ଜୁଆଙ୍ଗ ସାହିକୁ ଯାଇ ପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ପ୍ରାୟ ୩୦ ଗୋଟି ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଏ ନେଇ ଘଟଣା ସ୍ଥଳରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ପ୍ରହ୍ଲାଦ ନାଥ, କାମାକ୍ଷାନଗର ଥାନା ଅଧିକାରୀ ପହଂଚି ଲୋକଙ୍କୁ ବୁଝା ସୁଝା କରି ଗ୍ରାମକୁ ଜଳ ଯୋଗାଣର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତାରୋକରୁ ଉଠିଯାଇଥିଲେ ।

କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

କୁଚିଣ୍ଡା : ଏକ୍ସପ୍ରେସ୍ ନ୍ୟୁଜ୍

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ କୁସୁମି ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୪-୨୫ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୭ଟି ପ୍ରାଥମିକ ବିଦ୍ୟାଳୟରୁ ୫୫ଜଣ ଅଭିଭାବକ ୧୨୦ଜଣ ଛାତ୍ରଛାତ୍ରୀ ଏବଂ ୧୦ ମୌଳିକ ସଂଖ୍ୟା ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମର୍ପିତ ଶିକ୍ଷକ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସଂକୀର୍ତ୍ତନ କିସାନ, ସମ୍ମାନିତ ଅତିଥି ଭାବେ କୁସୁମି ଗ୍ରାମପଞ୍ଚାୟତ ର ସମିତି ସଭ୍ୟ ଧ୍ରୁବ ଚରଣ କିସାନ, ସରକାରୀ ପ୍ରାଥମିକ ବିଦ୍ୟାଳୟର ସଭାପତି ଗୁଲୁବଦନ ମହୋଦୟ କାର୍ଯ୍ୟକ୍ରମରେ ଯୋଗଦେଇ ନିପୁଣ ଓଡ଼ିଶା ମେଳାର ଶୋଭାବର୍ଦ୍ଧନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରକୃତିନୀ ନାଏକ ସଭାପତିତ୍ୱ କରିଥିବାବେଳେ ସଭା କାର୍ଯ୍ୟ ପରିଚାଳନା କରିଥିଲେ କ୍ଲଷ୍ଟର ସିଆରସିସି ନରେଶ ବର । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯଥା ନିରୁପମା ମାଝୀ, ରିତା ହଂସ, ପ୍ରିୟମ୍ବଦା କାଲୋ,ଉଷାସିନୀ ନାଏକ, ପ୍ରଶାନ୍ତ ମାଝୀ, ରମଣୀ ମାଝୀ, ପ୍ରଶାନ୍ତ, ମନ୍ଦିପ ପଟେଲ, ପ୍ରଶାନ୍ତ ନାଏକ, ସନ୍ତୋଷିନୀ କିସାନ ଓ ପ୍ରଭାସିନୀ ଏକ୍କା ପ୍ରମୁଖ ସହଯୋଗ କରିଥିଲେ । ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଏବଂ ଲକ୍ଷ ବିଷୟରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତାର ବିକାଶ ପାଇଁ ପ୍ରତି ବିଦ୍ୟାଳୟକୁ ଏଫ୍‌ଏଲ୍‌ଏନ୍ ମୋଡେଲ ବିଦ୍ୟାଳୟରେ ରୂପାନ୍ତରିତ କଲେ ଛାତ୍ରଛାତ୍ରୀଙ୍କର ଶିକ୍ଷଣ ଦକ୍ଷତାର ବିକାଶ ହେବ ବୋଲି ସିଆରସିସି ନରେଶ ବର ମନ୍ତବ୍ୟ ଦେଇଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରକୃତିନୀ ନାଏକ ମଞ୍ଚରେ ଉପସ୍ଥିତ ଥିବା ସମସ୍ତ ଅତିଥି ଅଭିଭାବକ ଗାଇଡ ଶିକ୍ଷକ, ସମସ୍ତ ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନ ର ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡାପଡା ବ୍ଲକ କୃଷି କାର୍ଯ୍ୟାଳୟରେ ଚାଷୀ ମାରଣାନୀତି

ଗୋଦାମରେ ବିହନ ଥାଇ ବିହନ ଅଭାବରେ କ୍ଷେତ ପଡ଼ିଆ

ହିନ୍ଦୋଳ : ଏକ୍ସପ୍ରେସ୍ ନ୍ୟୁଜ୍

ଆମ ସରକାର କୃଷି କ୍ଷେତ୍ରରେ କୃଷକମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି । ବିହନ ସାରଠାରୁ ଆରମ୍ଭକରି ଔଷଧ ଓ କୀଟନାଶକ ମଧ୍ୟ କୃଷକଟିଏକୁ ଏବେ ଯୋଗାଇ ଦେଉଛନ୍ତି । କିନ୍ତୁ ଆଜି ରବି ଫସଲ ଉତ୍ପାଦନ ସମୟରେ ଚାଷୀମାନେ ବିହନ ନପାଇ ହତାଶ ହୋଇ ରହିଛନ୍ତି ଆଉ ନିଜ କର୍ମକୁ ନିନ୍ଦୁଛନ୍ତି କାହିଁକି ନାଁ ଯେଉଁ ଚାଷ ଜମିରେ ସିଏ ଦିନେ କୁଇଣ୍ଟାଲ, କୁଇଣ୍ଟାଲ ଡାଲି ଜାତୀୟ ଫସଲ ଅମଳ କରୁଥିଲା । ତାହା ଏବେ ପଡିଆ ପଡି ଗୋଚର ଜମି ପାଲଟିଗଲାଣି । ତେବେ ଏଭଳି ଅବସ୍ଥା ପାଇଁ ଦାୟୀ କିଏ? ସରକାର ତ ସବୁ ସୁବିଧା ବ୍ଲକ ଠାରୁ ପଞ୍ଚାୟତ ପର୍ଯ୍ୟନ୍ତ କୃଷି ଓ କୃଷକଙ୍କ ପାଇଁ କରିଛନ୍ତି କିନ୍ତୁ କାହିଁକି ଆଜି କୃଷି କାର୍ଯ୍ୟାଳୟରେ ବିହନ ମହଜୁଦ ଥାଇବି କୃଷକଟିଏ ପାଇ ପାରୁନାହିଁ ଆଜ୍ଞା ହଁ ଇଏ ହେଉଛି ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକର କଥା ସୂଚନା ମୁତାବକ ଗତ ଜାନୁଆରୀ ୧୨ ତାରିଖ ଦିନ ଓଡାପଡା ବ୍ଲକର କିଛି ଚାଷୀ କୃଷକ ସାଥି ଓ ନିଜ ଭିଏଡବ୍ଲୁଙ୍କ ପରାମର୍ଶ ପାଇ ବ୍ଲକ କୃଷିକାର୍ଯ୍ୟଳୟକୁ ଯାଇଥିଲେ

ବିହନ ଆଣିବା ପାଇଁ କିନ୍ତୁ ସେଠି ଶିଶିର କୁମାର ସାହୁ ନାମକ ଜଣେ ଭିଏଡବ୍ଲୁଙ୍କ ମନ ମାନି ପାଇଁ ସେମାନେ ବିହନ ପାଇବାରୁ ବଞ୍ଚିତ ହୋଇଥିବା କଥା ଆଜି ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ଯେ ସେଦିନ ସେମାନେ ଗାଡି ଭଡା କରି ବ୍ଲକ କୃଷି କାର୍ଯ୍ୟାଳୟରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ସେମାନଂକଭିଏଡବ୍ଲୁ ଶିଶିର ସାହୁ ବିହନ ଦେଲା ନାହିଁ, ଏବେ ଦିଆ ହେବ ନାହିଁ କହି ଫେରାଇ ଦେଇଥିଲେ ଯାହା ଫଳରେ ଏବର୍ଷ ସେମାନେ ଆଉ ଚାଷ କରି ପାରିନାହାନ୍ତି, ଯେଉଁ ହେକ୍ଟର ହେକ୍ଟର ଚାଷ ଜମିରେ ଦିନେ ସେମାନେ ସୁନା ଫଳାଉ ଥିଲା ଏବେ ବିହନ ନିଅଣ୍ଟ ପାଇଁ ଗୋଚର ହୋଇଗଲାଣି, ତେବେ ସରକାରଙ୍କୁ ପ୍ରଶ୍ନ ଯଦି ଗୋଟିଏ ପଞ୍ଚାୟତରେ ଜଣେ ଜଣେ ଲେଖାଏଁ ଭିଏଡବ୍ଲୁଙ୍କର ନିଯୁକ୍ତି ହୋଇଛି ଏବଂ ଉକ୍ତ ପଞ୍ଚାୟତ ପରିସରରେ ତାଙ୍କର କାର୍ଯ୍ୟ କରିବାକୁ ପରାମର୍ଶ ରହିଛି ତେବେ ଶିଶିର ସାହୁ ଭିଏଡବ୍ଲୁଙ୍କୁ କିଏ ଅଧିକାର ଦେଲା କାଣ୍ଡବିନ୍ଧା ପଞ୍ଚାୟତର ଚାଷୀମାନଙ୍କୁ ବିହନ ନେବାକୁ ବାରଣ କରିବା ପାଇଁ ଯଦି ବ୍ଲକ କୃଷି କାର୍ଯ୍ୟାଳୟ ଗୋଦାମରେ ବିହନ ମହଜୁଦ ଅଛି ତେବେ ଚାଷୀଟିଏ କାହିଁକି ବିହନ ପାଇବାରୁ ବଞ୍ଚିତ ହେବ, ତ ଦେଖାଯାଉ ଖବର ପ୍ରସାରଣ ପରେ ବର୍ଷ ବର୍ଷ ଧରି ଗାଦି ମାଡି ବସିଥିବା ଭିଏଡବ୍ଲୁ ଉପରେ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ଜିଲ୍ଲା ପ୍ରଶାସନ ଶିଶିରଙ୍କ ରାଜନୈତିକ ପାୱାର ବଳରେ ନିରବ ଦର୍ଶକ ସାଜି ସବୁ ଦେଖି ରହୁଚି ତାହା ଦେଖିବାକୁ ବାକି ରହିଲା ।

ପ୍ୟାରେଡକୁ ଯିବା ବାଟରେ ଛାତ୍ର ମୃତ୍ୟୁ ଘଟଣା

ସ୍କୁଲରେ ତାଲା : ଶିକ୍ଷକ ଓ ଆୟୋଜକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଙ୍କୀ : ଏକ୍ସପ୍ରେସ୍ ନ୍ୟୁଜ୍

ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ ବାଙ୍କୀ ବ୍ଲକ ସରଣ୍ଡାକୁ ପିକଅପ୍ ଭ୍ୟାନରେ ଛାତ୍ରମାନେ ଯାଉଥିବା ବେଳେ ଦୁର୍ଘଟଣାରେ ୧୦ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ବେହେରା (୧୫) ବର୍ଷଙ୍କ ମୃତ୍ୟୁ ଘଟଣାକୁ ନେଇ ଅଭିଭାବକ ସ୍ଥାନୀୟ ଅଞ୍ଚଳରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଘଟଣାକୁ ନେଇ ୩ଦିନ ହେଲା ସ୍କୁଲ ବନ୍ଦ ରହିଛି । ଯେପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେଠାରୁ ବଦଳି କରାନଯାଇଛି ସେପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀମାନେ ବାଙ୍କୀ ଶିକ୍ଷା ବିଭାଗକୁ ଜଣାଇ ଦେଇଛନ୍ତି । କଟକ ବଡମେଡିକାଲରେ ଯେଉଁ ୬ଜଣ ଗୁରୁତର ଛାତ୍ରଛାତ୍ରୀ ଚିକିତ୍ସିତ ହେଉଥିଲେ ସେଥିରୁ ଓମ୍ ପ୍ରକାଶ ସାହୁ ଓ ମଣ୍ଟୁ ମହାରଣାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ଅନ୍ୟ ୪ଜଣ ୱାର୍ଡରେ ରହି ଚିକିତ୍ସିତ ହେଉଛନ୍ତି । କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାଳବିହାରପୁର ହାଇସ୍କୁଲର ନିଲମ୍ବିତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ପ୍ୟାରେଡ୍ ଆୟୋଜନ କରିଥିବା ଅଂଶୁପା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବାଙ୍କୀ ଥାନା ଅଧିକାରୀଙ୍କୁ ହାଜିରା ପାଇଁ ନୋଟିସ୍ ଦିଆଯାଇଥିଲା । ସେମାନେ ଅଦାଲତରେ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ । ତଦନ୍ତ ପରେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଏ ସଂପର୍କରେ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି । ତେବେ ଏହି ପ୍ୟାରେଡ୍ ସରକାରୀ କାର୍ଯ୍ୟକ୍ରମ ନଥିବା ବେଳେ କାହା ନିର୍ଦ୍ଦେଶରେ ପିଲାଙ୍କୁ ପ୍ୟାରେଡରେ ଯୋଗଦେବାପାଇଁ ପଠାଯାଇଥିଲା ଓ ପିଲାଙ୍କୁ ଡାଲା ପିକଅପ୍ ଭ୍ୟାନରେ ପ୍ୟାରେଡ୍ ଗ୍ରାଉଣ୍ଡକୁ ସ୍କୁଲ କର୍ତ୍ତୃପକ୍ଷ ପଠାଇଥିଲେ ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି । ପିଲାଙ୍କ ସହ କୌଣସି ଶିକ୍ଷକ ଯାଇନଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । କାହା ନିର୍ଦ୍ଦେଶରେ ଅଂଶୁପା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଏଭଳି ପ୍ୟାରେଡ୍ ଆୟୋଜନ କରିଥିଲେ ତାହାର ତଦନ୍ତ ହୋଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି।

ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟା ସମାଧାନ କରିବା ପାଇଁ ଓସ୍ଟା ପକ୍ଷରୁ ଦାବି

କଟକ: ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ଟା) ପକ୍ଷରୁ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି ଉପସ୍ଥାପନ କରାଯାଇଛି । ଓସ୍ଟା ପକ୍ଷରୁ ଉପସ୍ଥାପନା କରାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ହେଲା- ଅନୁଦାନରୁ ବଂଚିତ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ ପାଇଁ ସରକାର ପଦକ୍ଷେପ ନେବା, ଅବସର ନେଉଥିବା ଓ ନେଇଥିବା ଏବଂ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା, ୨୮୦୦ ଗ୍ରେଡ଼ ପେ ରେ ଥିବା ଅସଂଗତି ଦୂର କରିବା, ବିଏବିପିଇଡି ଓ ବିଏସିପିଇଡ଼ି ଯୋଗ୍ୟତାଧାରୀ କ୍ରୀଡ଼ା ଶିକ୍ଷକମାନଙ୍କର ପଦୋନ୍ନତି, ୪୮ବର୍ଷରେ ପଦାର୍ପଣ କରିଥିବା ସମସ୍ତ ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଟ୍ରେଣ୍ଡ ଗ୍ରାଜୁଏଟ ଦରମା ପ୍ରଦାନ, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଆଲେଜଡ଼ ଶିକ୍ଷକଙ୍କୁ ଦରମା ପ୍ରଦାନ ଆଦି ଅନ୍ତର୍ଭୁକ୍ତ । ଉପରୋକ୍ତ ଦାବିଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଓସ୍ଟା ପକ୍ଷରୁ ଅନୁରୋଧ କରାଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ଓସ୍ଟା ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଂଜନ ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଓ ଶଙ୍କର ସୁବୁଧି ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱର୍ଗତ ନବଦାସ ଥିଲେ କ୍ରାନ୍ତିକାରୀ ଦରଦୀ ରାଜନେତା

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ନବଦାସ ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ସହିତ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଫାଉଣ୍ଡେସନର ଅଧ୍ୟକ୍ଷ ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଓ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡ଼ିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର, ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡଃ ପଞ୍ଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ କଟକ ମେୟର ସୁବାସ ସିଂ, ବିଶିଷ୍ଟ ଶିକ୍ଷାବିତ ଡ଼ଃ ବଦ୍ରୀନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟନାୟକ, ବରିଷ୍ଠ ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ଉପସ୍ଥିତ ରହି ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତି ପୁସ୍ତକ ସ୍ମୃତିରେ ନବ ଲୋକାର୍ପିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଶ୍ରଦ୍ଧାଞ୍ଜଳି ଜଣାଇ ମତବ୍ୟକ୍ତ କରିଥିଲେ ଯେ, ନବବାବୁ ଉତ୍ତରପିଢ଼ିକୁ ପ୍ରେରଣା ଦେଉଥିବା ସହିତ ଅସହାୟ ବ୍ୟକ୍ତିଙ୍କ ସ୍ୱର ପାଲଟିଥିଲେ । ସେହିପରି ଡ଼ଃ କାନୁନଗୋ କହିଥିଲେ ଯେ ସମାଜସେବା, ସ୍ୱାସ୍ଥ୍ୟ ସହିତ ସାଧାରଣ ଜନତାଙ୍କ ସହିତ ମିଶିବାର କଳାରେ ସେ ବେଶ ସିଦ୍ଧହସ୍ତ ଥିଲେ. ସାଧାରଣ ମଣିଷଙ୍କ ପ୍ରତି ସେବା, ସମର୍ପଣଭାବ ସହିତ ମାନବୀୟ ମୂଲ୍ୟବୋଧ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସମଗ୍ର ଓଡିଶା ତଥା ଝାରସୁଗୁଡାର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହୁଥିଲେ । ଡ଼ଃ ଜ୍ଞାନେନ୍ଦ୍ର ସ୍ମୃତି ଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ । ତାଙ୍କ ମୃତ୍ୟୁ ଏକ ରହସ୍ୟ ଓ ସିବିଆଇ ତଦନ୍ତ ଦ୍ୱାରା ପ୍ରକୃତ ତଥ୍ୟ ଉନ୍ମୋଚିତ ହେବ ବୋଲି ବିଧାୟକ ଗଣେଶ୍ୱର ବେହେରା, ଉଦଘାଟକ ଜୟ ନାରାୟଣ ମିଶ୍ର କହିଥିଲେ । ପ୍ରକୃତରେ କହିବାକୁ ଗଲେ ନବବାବୁ ଥିଲେ କ୍ରାନ୍ତକାରୀ ଜନନାୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡିଶାର ସାତଜଣ ସାରସ୍ୱତ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱଙ୍କୁ ନବ ବାବୁଙ୍କ ସ୍ମୃତିରେ ସମ୍ମାନିତ କରାଯାଇଥିଲା । ଶ୍ରେଷ୍ଠ ବିଧାୟକ ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା କ୍ଷେତ୍ର ପାଇଁ ବାଗ୍ମୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ଗଣମାଧ୍ୟମ ସମ୍ମାନ ସତ୍ୟ ସୁନ୍ଦର ଭଞ୍ଜ, ସୂଚନା ଅଧିକାର ସମ୍ମାନ ପ୍ରଦୀପ ପ୍ରଧାନ, ସ୍ତମ୍ଭକାର ଶିବ ଶଙ୍କର ନନ୍ଦ, ପରିବେଶ ପାଇଁ ଅଶୋକ କୁମାର ସାହୁ, ସମାଜସେବା ପାଇଁ ଜୟନ୍ତ ଦୀକ୍ଷିତଙ୍କୁ ଅତିଥି ମାନେ ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ପାଇଁ ପୂଜ୍ୟପୂଜ୍ୟ ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ସମ୍ମାନ ଗ୍ରହଣ କରିଥିଲେ । ଆଚାର୍ଯ୍ୟ ଧର୍ମରାଜ ପ୍ରାରମ୍ଭରେ ବେଦପାଠ କରିଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ବରୁଣ ରାଜ, ନାରାୟଣ ଓଝା, ମହମଦ ସହାବୁଲା ଛବି ମହାନ୍ତି ଓ ରଞ୍ଜନଙ୍କ ସହିତ ଫାଉଣ୍ଡେସନର ସଦସ୍ୟମାନେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ସଂଗ୍ରାମୀ ଫୋରମର ପ୍ରଶାନ୍ତ ଦାସ, ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଶ୍ରମିକ ନେତା ନବ ମହାନ୍ତି, ରାମକୃଷ୍ଣ ପରିଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

AFFIDAVIT

By virtue of an affidavit sworn before Executive Magistrate, Rajnagar dated 28th January 2025, I Owhabun Neshan, At/P.O.-Kerarагarh, PS-Rajnagar, Dist- Kendrapara,Odisha, Pin-754246 declare that, I have changed my sons name Mohammad Faizan to SK Mahammad Faizan.Hence forth he shall be known as SK Mahammad Faizan for all purpose.

Sd/-
Owhabun Neshan

AFFIDAVIT

By virtue of an Affidavit sworn before the Court of the Executive Magistrate, Aul, Dated 29/01/2025, I Bably Priyadarsini Swain aged about 18yrs, D/o- Alekh Swain of Village- Gavadia, P O- Arehikana, Ps-Aul, Dist-Kendrapara, Odisha has been recorded in my Adhar Card No- 560122915364. Declare that my name is wrongly recorded as Bubli Swain in my Post Office, Arehikana Sukanya account no-8688608021. Bably Priyadarsini Swain and Bubli Swain, D/o-Alekh Swain of above address is one and the same person in this locality. I require this affidavit to be produced before the Authority concerned to use as a document for all purpose correction of my name Bably Priyadarsini Swain, D/o- Alekh Chandra Swain in my above account.

Sd/-
Bably Priyadarsini Swain

AFFIDAVIT

By virtue of an Affidavit sworn before the Court of the Executive Magistrate, Aul, Dated 29/01/2025, I Lovely Priyadarsini Swain aged about 18yrs, D/o- Alekh Chandra Swain of Village- Gavadia, P O- Arehikana, Ps-Aul, Dist-Kendrapara, Odisha has been recorded in my Adhar Card No-866176797900. Declare that my name is wrongly recorded as Lovely Swain in my Post Office, Arehikana Sukanya account no- 8688608044. Lovely Priyadarsini Swain and Lovely Swain, D/o-Alekh Chandra Swain of above address is one and the same person in this locality. I require this affidavit to be produced before the Authority concerned to use as a document for all purpose correction of my name Lovely Priyadarsini Swain, D/o- Alekh Chandra Swain in my above account.

Sd/-
Lovely Priyadarsini Swain

ଲକ୍ଷ୍ମୀପୁର ଜିଲ୍ଲାପରିଷଦ କାର୍ଯ୍ୟରେ ବ୍ଲକ ପ୍ରଶାସନର ମହାଦୁର୍ନୀତି

ରାୟଗଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

କୋରାପୁଟ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲକ୍ଷ୍ମୀପୁର ବ୍ଲକକୁ ଉନ୍ନୟନ କାର୍ଯ୍ୟ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ପ୍ରଦାନ କରିଥାଆନ୍ତି । ଏହି ସମୟରେ ଏହି ଅଞ୍ଚଳରେ ଖଣି ଖାଦାନ ଭରପୁର ମଜୁଦ ରହିଥିବାରୁ ଏଠାକାରେ କଞ୍ଚା ମାଲ ଓଏମ୍‌ସି ଦ୍ୱାରା କଞ୍ଚା ମାଲ ବିକ୍ରୀ କରୁଥିବାରୁ ଓଡ଼ିଶା ଖଣି ନିଗମ ଓ ବେଦାନ୍ତ କମ୍ପାନୀ, ଜିଲ୍ଲା ପରିଷଦ, ବିଧାୟକ ଏବଂ ସାଂସଦ ପାଣ୍ଠିରୁ ମଧ୍ୟ ଟଙ୍କା ବିନିଯୋଗ ହୋଇ ଥାଏ ବିଭିନ୍ନ ଉନ୍ନୟନ ମୂଳ କାର୍ଯ୍ୟ ନିମନ୍ତେ । ଏତିକି ବେଳେ ଲକ୍ଷ୍ମୀପୁର ବ୍ଲକ ପ୍ରଶାସନ ଗୋଟିଏ କାର୍ଯ୍ୟକୁ ଦୁଇରୁ ତିନି ବିଭାଗ ଅନୁମୋଦନ ଦର୍ଶାଇ ଫୋର୍ସ ବିଲ୍ କରି ଠିକାଦାର ଠାରୁ ଆରମ୍ଭ କରି ପିଇଓ, କନିଷ୍ଠ ଯନ୍ତ୍ରୀ, ବିଡ଼ିଓ ପର୍ଯ୍ୟନ୍ତ ସଲାସୁତୁରା କରି କାର୍ଯ୍ୟ ସଂପୂର୍ଣ୍ଣ ଦର୍ଶାଇ ଉକ୍ତ ଟଙ୍କା ହଡ଼ପ କରିଥାଆନ୍ତି । ବର୍ତ୍ତମାନ ଲକ୍ଷ୍ମୀପୁର ବ୍ଲକ ଏଭଳି ଏକ ଦୁର୍ନୀତି ହୋଇଛି କି ନିଜେ ବିଞ୍ଚାଇଥିବା ଜାଲରେ ନିଜେ ଫସି ଛୋଟପଟ ହେଉଥିବା ଦେଖିବାକୁ ମିଳିଛି । ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ ପଞ୍ଚାୟତର ଗୌଡ଼ କେଲାର ଗ୍ରାମରେ ଜିଲ୍ଲାପରିଷଦ ପାଣ୍ଠିରୁ ଏକ ସିସି ରୋଡ଼ କାମକୁ ନେଇ ଠିକାଦାର କାର୍ଯ୍ୟ ସଂପୂର୍ଣ୍ଣ ହୋଇ ତିନି ମାସ ବିତି ଯାଇଥିଲେ

ସୁଦ୍ଧା ଟଙ୍କା ମିଳିବାରେ ବିଳମ୍ବ ହେବାରୁ ଦୁର୍ନୀତି ଟି ପରଦାରେ ପଡ଼ିଯାଇଛି । ଉକ୍ତ କାର୍ଯ୍ୟ ନହୋଇ ଆଗରୁ ପୂର୍ବତନ ବିଡ଼ିଓ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ହଡ଼ପ କରିଥିବା ବିଶେଷ ସୂତ୍ରରୁ ଜଣାଯାଇଛି । ବର୍ତ୍ତମାନ କାର୍ଯ୍ୟ ସଂପୂର୍ଣ୍ଣ ସାରିଦେଇ ଥିବା ଠିକାଦାରଙ୍କୁ ଟଙ୍କା ନ ଦେଇ ପାରିବାରୁ ଲକ୍ଷ୍ମୀପୁର ବ୍ଲକର ଦୁର୍ନୀତି ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଗୋଟିଏ କାର୍ଯ୍ୟକୁ ଦ୍ୱିତୀୟ ଥର ଫାଇଲ୍ ଖୋଲି ବର୍ତ୍ତମାନ ବିଡ଼ିଓ କାର୍ଯ୍ୟ ଦେଶ ଦେଇଥିବାରୁ ଠିକାଦାରମାନେ କାର୍ଯ୍ୟ ସାରିଥିବା ଟଙ୍କା ମାଗିବାରୁ ନାଲି ଆଖି ଦେଖାଇ ପୋଲିସ ଡ଼ାକି ସେମାନଙ୍କୁ ଡରାଇବାକୁ ଚେଷ୍ଟା କରୁଥିଲି ହେଲେ ଠିକାଦାର ପ୍ରଶାନ୍ତ ଓ ଅରୁଣ ବିଡ଼ିଓଙ୍କ ନାଲି ଆଖି ରେ ହାର ମାନିନଥିଲେ । ବର୍ତ୍ତମାନ ଲକ୍ଷ୍ମୀପୁର ବିଡ଼ିଓ କୁଆଡେ ସମସ୍ତ କର୍ମଚାରୀ ମାନଙ୍କୁ ନେଇ ଏକ ରୁଦ୍ଧ ଦ୍ୱାର ବୈଠକ କରି ନିଜ ଭୁଲ ପାଇଁ ସମସ୍ତ କର୍ମଚାରୀ ମାନଙ୍କୁ କ୍ଷମାପ୍ରାର୍ଥନା କରିଥିବା ବିଶେଷ ସୂତ୍ରରୁ ଜଣାଯାଇଛି । ଏନେଇ ଆମେ ଲକ୍ଷ୍ମୀପୁର ବିଡ଼ିଓଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ପ୍ରତିକ୍ରିୟା ଦେବା ପାଇଁ ମନା କରିଦେଇଥିଲେ । ତେବେ ଏହା ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହି ଦୁର୍ନୀତିରେ ଲିପ୍ତ ଥିବା ଅଧିକାରୀ ମାନଙ୍କ ଠାରୁ ଟଙ୍କା ଆଦାୟ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

MCL ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5239